# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ପାଉଲଙ୍କ, ଚମକପ୍ରଦ ପ୍ରଚାର ଯାତ୍ରା



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen
Alastair Paterson
ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2021 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପାଉଲ ଓ ଶିଲା, ଯୀଶୁଙ୍କ
ସେବକମାନେ କାରାଗାରରେ
ଥିଲେ । ନୁହେଁ, ସେମାନେ
କୌଣସି ଭୁଲ୍ କରି ନଥିଲେ,
ସେମାନେ ଏକ ସ୍ତ୍ରୀଙ୍କ
ଶରିରରୁ
ଦୁଷ୍ଟାତ୍ମା
ବାହାର
କରିଥିଲେ ।



ସେମାନେ ସେହି ପ୍ରତିମାପୂଜକ
ଫିଲ୍ଲିପି ବାସିଙ୍କୁ ଜୀବୀତ
ପରମେଶ୍ୱର ଏବଂ ତାଙ୍କ ପୁତ୍ର
ଯୀଶୁଙ୍କ ଶକ୍ତି ଦେଖାଇଥିଲେ ।
ସେହି କାରଣ ନିମନ୍ତେ ସେମାନେ
ଧରାଗଲେ,
ବେତ୍ରାଘାତ
ପାଇଲେ ଓ
କାରାଗାରରେ
ନିକ୍ଷେପ କରାଗଲେ ।







ତୁମେ ଚାହିଁବ ଯେ

ପାଉଲ ଓ ଶିଲା

ରାଗିଯାଇ ଦୁଃଖ

ଅନୁଭବ କରିଥିବେ ।

କିନ୍ତୁ ସେମାନେ

ସେପରି ନଥିଲେ ।

ସତ୍ୟତାରେ, ଅର୍ଦ୍ଧରାତ୍ରରେ
ସେମାନେ ବସି ସଦାପ୍ରଭୁଙ୍କୁ
ପ୍ରାର୍ଥନା ଓ ସ୍ତବଗାନ
କରୁଥିଲେ । ଆଉ ଅନ୍ୟ
ବନ୍ଦୀମାନେ ଓ କାରା
ରକ୍ଷକମାନେ ଶୁଣୁଥିଲେ ।



ହଟାତ୍, ସମସ୍ତ ସୁସ୍ଥିର ହୋଇଗଲା । ସେହି ସ୍ଥାନରେ ମହାଭୂମିକ ହେଲା ଯାହା ସେହି କାରଗାରର ଭିତ୍ତିମୂଳକୁ ଦୋହଲାଇଲା । ତାହାର ସମସ୍ତ କବାଟ ଗୁଡ଼ିକ ମେଲା ହୋଇଗଲେ । ପୁଣି ପ୍ରତ୍ୟେକ ଜଣର ବନ୍ଧନ ଖୋଲିଗଲା ।





ଏଥିରେ କାରା ରକ୍ଷକ ନିଶ୍ଚିତ
ଥିଲେ ଯେ ସମସ୍ତ ବନ୍ଦୀମାନେ
ପଳାଇଯାଇଅଛନ୍ତି ବୋଲି
ମନେ କଲା । ଯଦି ଜଣେ
ମଧ୍ୟ ପଳାଇଯାଇଥିବେ
ତେବେ ତାହାର ମୃତ୍ୟୁଦଣ୍ଡ
ନିଶ୍ଚିତ । ଦୁଃଖରେ ସେ ନିଜର
ଖଣ୍ଡା ବାହାର କରି ଆପଣାକୁ
ବଧ କରିବାକୁ ଯାଉଥିଲେ ।

କିନ୍ତୁ ପାଉଲ ଉଚ୍ଚ ସ୍ୱରରେ
ଡାକି କହିଲେ, ଆପଣାର
କୌଣସି କ୍ଷତି କରନାହିଁ ।
କାରଣ ଆମ୍ଭେମାନେ
ସମସ୍ତେ ଏଠାରେ ଅଛୁ ।



ଯେତେବେଳେ କାରାରକ୍ଷକ ତାହା ଦେଖିଲେ, ସେ କହିଲେ, ମହାଶୟ ମାନେ ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ପଡ଼ିବ, ସେମାନେ କହିଲେ, ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ । ଆନନ୍ଦରେ, କାରାରକ୍ଷକ ବିଶ୍ୱାସ କଲେ ।





ପରଦିନ ସକାଳ ହୁଅନ୍ତେ,
ପାଉଲ ଓ ଶିଲା ଅନେକ
ନଗର ଦ୍ୱାରକୁ ଯାଇ
ଯୀଶୁଙ୍କ ବାକ୍ୟ ପ୍ରଚାର
କଲେ । କେତେକ ଲୋକ
ସେମାନଙ୍କୁ ବିଶ୍ୱାସ କଲେ ।
ଆଉ କେତେକ ସେମାନଙ୍କୁ
ଆଘାତ କରିବାକୁ ଚେଷ୍ଟା
କଲେ ।



ମାତ୍ର ସଦାପ୍ରଭୁ ତାଙ୍କ
ଦାସମାନଙ୍କ ସଂଙ୍ଗରେ
ଥିଲେ । ଏକ ରାତ୍ରରେ,
ପାଉଲ ଘଣ୍ଟା ଘଣ୍ଟା ଧରି
ପ୍ରଚାର କଲେ । ଏକ ଯୁବକ
ଖୋଲା ଝରକାରେ ବସି
ପାଉଲଙ୍କ ବାକ୍ୟ ଶୁଣିଥିଲେ,
ହଠାତ୍ ସେ ଶୋଇପଡ଼ିଲେ ।
ତୁମେ ନିଜେ ଅନୁମାନ କର
ତାହାର କଅଣ ହେଲା ।



ସମସ୍ତେ ଜାଣିଥିଲେ ଯେ ସେହି ଯୁବକଟି ମୃତ୍ୟୁ ବରଣ କରିଅଛି । କିନ୍ତୁ ପାଉଲ ତଳକୁ ଯାଇ ତାହାକୁ ଆଲିଙ୍ଗନ କରି କହିଲେ, ତାହାର ଜୀବନ ତାଙ୍କ ପାଖରେ ଅଛି । ସେମାନେ ସେହି ଯୁବକକୁ ଭିତରକୁ ଆଣିଲେ ପୁଣି ସେ ବଞ୍ଚିଥିଲା, ସେମାନେ ଅତି ଆନନ୍ଦିତ ହେଲେ ।



ପାଉଲ ଓ ଶିଲା ତାଙ୍କର ଇଉରୋପ୍ ମହାଦେଶ ଯାତ୍ରା ସମୟରେ ଅନେକ ଦୁଃସାହସିକ କାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ପାଉଲଙ୍କ ସବୁଠାରୁ ବଡ଼ ଦୁଃସାହସିକ କାର୍ଯ୍ୟ,

ସେ ଜାହାଜରେ ଥିବା ସମୟରେ କରିଥିଲେ । ସେହି ଜାହାଜଟି ଲୁହାରେ ତିଆରି ନଥିଲା ତେଣୁ



ସେମାନେ ଝଡ଼ରେ ଅତି ସହଜରେ ଉଲଟି ଯାଉଥିଲେ ।



ପାଉଲ ଜାହାଜ ଉପରେ ଥିଲେ କାରଣ ତାଙ୍କୁ ପୁନର୍ବାର ଗିରଫ୍ କରାଯାଇଥିଲେ । ସେ  ରୋମ୍ ରେ ସମ୍ରାଟ ସମ୍ମୁଖରେ ଉପସ୍ଥିତ ହେବାକୁ ଯାଉଥିଲେ, ସେହି ସମୟରେ ରୋମ୍, ସମସ୍ତ ପୃଥିବିର ରାଜଧାନୀ ଥିଲା ।



ମହା ପ୍ରବଳ ବାୟୁ ହେତୁ ଜାହାଜ ଧିର ହେବାକୁ ଲାଗିଲା,
ଏହା ଦେଖାଗଲା ଯେପରି ଆଗରେ ଝଡ଼ ତୋଫାନର ଜଳବାୟୁ
ଅଛି । ଏହା ପାଉଲଙ୍କ ଓ ଅନ୍ୟ ବନ୍ଦୀମାନଙ୍କ ନିମନ୍ତେ ପୁଣି
ନାବିକ ମାନଙ୍କ ନିମନ୍ତେ କଷ୍ଟକର ଯାତ୍ରା ଥିଲା ।

ଭାଇମାନେ, ମୁଁ ଜାଣିପାରୁଛି ଯେ ଏହି ଯାତ୍ରା ଦୁର୍ଦ୍ଦଶାରେ ସମାପ୍ତି ହେବ, ପାଉଲ ସତର୍କ କଲେ । ଜାହାଜର ଅଧ୍ୟକ୍ଷ ପାଉଲଙ୍କ କଥାରେ ମନଯୋଗ କଲେ ନାହିଁ । ସେମାନେ ଯାତ୍ରା କରିଚାଲିଲେ, ମାତ୍ର ଯେତେବେଳେ ଏକ ଭୟଙ୍କର ଝଡ଼ ସେହି ଜାହାଜକୁ ଆଘାତ କରନ୍ତେ ସେମାନେ ଅତିଭୟଭିତ ହେଲେ ।



ପୁଣି ନାନା ଉପାୟରେ ଜାହାଜକୁ ତଳୁ ଘେରିକରି
ବାନ୍ଧିଲେ କାଳେ ତାହା ଜାହାଜକୁ ଭାଙ୍ଗିବା
ବିରୁଦ୍ଧରେ ସାହାଯ୍ୟ କରିବ, ପୁଣି ସେମାନେ
ବଞ୍ଚିବେ। ଯଦି ଜାହାଜ
ଭାଙ୍ଗିଯାଏ ତେବେ ତାହା
ସମସ୍ତଙ୍କ ପାଇଁ
ଜଳ ସମାଧି
ହୋଇଯିବ ।



ତୋଫାନ ଯୋଗୁ ଜାହାଜ ଅତି ଟଳମଳ ହେବାରୁ ନାବିକମାନେ ମାଲ ଫୋପାଡ଼ିବାକୁ ଲାଗିଲେ । ପୁଣି ତୃତିୟ ଦିନରେ ନିଜ ହାତରେ ଜାହାଜର ସରଞ୍ଜାମ ସବୁ ଫୋପାଡ଼ିଦେଲେ । ହୋଇପାରେ ତହା ସାହାଯ୍ୟ କରିବ ।



ରାତ୍ର ସମୟରେ, ଏକ ଦୂତ ପାଉଲଙ୍କ ପାଖରେ ଠିଆ ହୋଇ କହିଲେ, ତୁମ୍ଭମାନଙ୍କର କୌଣସି ପ୍ରକାରେ କ୍ଷତି ହେବନାହିଁ । ତାହାଶୁଣି ଅନ୍ୟମାନେ ଉତ୍ସାହିତ ହେଲେ ।



ସାହସ ଧରନ୍ତୁ କାରଣ ଈଶ୍ୱରଙ୍କଠାରେ ମୋହର
ବିଶ୍ୱସ ଅଛି ଯେ ମୋତେ ଯେପରି କୁହା ହୋଇଅଛି
ଠିକ୍ ସେହିପରି ଘଟିବ । ସେ ଯାହାବି ହେଉ
ଆମ୍ଭମାନଙ୍କୁ କୌଣସି ଏକ
ସ୍ଥଳକୁ ଯିବାକୁ ପଡ଼ିବ ।





କିଛିଦିନ ପରେ, ସେହି ଜାହାଜଟି ମେଲିତୀ ନାମକ ଦ୍ୱୀପ ନିକଟରେ ପହଞ୍ଚିଲା, ଆଉ ସେଠାରେ ତାହା ଏକ ପଥିରିଆ ଜମି ସହିତ ଆଘାତ ପାଇ ସଂପୂର୍ଣ୍ଣ ଭାବରେ ଭାଙ୍ଗିଗଲା ।

ଶତସେନାପତି ଆଜ୍ଞା କରି  କହିଲେ, ଯେଉଁମାନେ ପହଁରା
ଜାଣନ୍ତି, ସେମାନେ ସମୁଦ୍ରରେ ଡେଇଁପଡ଼ି ପ୍ରଥମରେ ସ୍ଥଳକୁ ଯାଆନ୍ତୁ,
ପୁଣି ଅବଶିଷ୍ଟ ମାନଙ୍କ ମଧ୍ୟରୁ କେହି କେହି
ତକ୍ତା ଓ କେହି କେହି ଜାହାଜର ଅନ୍ୟାନ୍ୟ
ଭଙ୍ଗାଖଣ୍ଡ ଧରି ଯାଆନ୍ତୁ ।



ମେଲିତୀରେ, ସଦାପ୍ରଭୁ ତାଙ୍କର ଶକ୍ତି
ଦେଖାଇଲେ । ଯେତେବେଳେ ପାଉଲ ବିଡ଼ାଏ
କାଠ ଗୋଟାଇ ନିଆଁ ଉପରେ ପକାନ୍ତେ, ତାତି
ହେତୁ ଗୋଟାଏ କାଳସାପ ବାହରି ତାଙ୍କ
ହାତରେ କାମୁଡ଼ି ଲାଗିରହିଲା ।
ଲୋକମାନେ ଭାବିଲେ
ସେ ମରିଯାଇ ପାରନ୍ତି ।



କିନ୍ତୁ ସାପ କାମୁଡ଼ାରେ ତାହାର କିଛି କ୍ଷତି ହେଲା ନାହିଁ । ତାହାପରେ ସେମାନେ ଭାବିଲେ ପାଉଲ ଜଣେ ଦେବତା ଅଟନ୍ତି । ଏନେକ ରୋଗଗ୍ରସ୍ତ ଲୋକ ତାଙ୍କ ନିକଟକୁ ଆସିଲେ, ଓ ପଉଲଙ୍କ ପ୍ରାର୍ଥନାରେ ସଦାପ୍ରଭୁ ସେମାନଙ୍କୁ ସୁସ୍ଥ କଲେ ।



ପରିଶେଷରେ, ପାଉଲ ରୋମ୍ ରେ ପହଞ୍ଚିଲେ । ସେଠାରେ ତାଙ୍କର ବିଚାର ହେବାକୁ ତାହାକୁ ପ୍ରାୟ ଦୁଇବର୍ଷ ସମୟ ଲାଗିଲା । ସେହି ସମୟରେ, ପାଉଲ ଏକ ଘର ଭଡ଼ାକରି ରହିଲେ ।



ପୁଣି ଯେତେଲୋକ ତାହାଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ଗ୍ରହଣ କରି ଇଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରଚାର କରୁଥିଲେ ଏବଂ ପ୍ରଭୁ ଯୀଶୁଙ୍କ ସମ୍ବନ୍ଧୀୟ ବିଷୟସବୁ ଶିକ୍ଷା ଦେଉଥିଲେ । ରୋମ୍ ରେ ପାଉଲ ସଦାପ୍ରଭୁଙ୍କ ସେବକ ଥିଲେ, ଠିକ୍ ସେହିପରି, ଯେପରି ସେ ତାଙ୍କର ଅନ୍ୟ ପ୍ରଚାର ଯାତ୍ରା ସମୟରେ ଥିଲେ ।



ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି ନିରୁପିତ ପଥର, ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି ମୁଁ ବିଶ୍ୱସ ରକ୍ଷା କରିଅଛି । ପାଉଲ ଏହା ରୋମ୍ ରୁ ଲେଖିଥିଲେ । ବାଇବଲ ଆମ୍ଭମାନଙ୍କୁ କୁହେନାହିଁ ତାଙ୍କ ଜୀବନ କିପରି ଶେଷହେଲା, କିନ୍ତୁ ଅତିରିକ୍ତ ଲେଖନି ଆମ୍ଭମାନଙ୍କୁ



ପାଉଲ ସେହିପରି ମଲେ ଯେପରି ଭାବରେ ସେ ବଞ୍ଚିଥିଲେ । ଏକ ବିଶ୍ୱସ୍ତ ପରମେଶ୍ୱରଙ୍କ ଦାସ, ଯେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିଲେ ।



ପାଉଲଙ୍କ, ଚମତ୍କାରପ୍ରଦ ପ୍ରଚାର ଯାତ୍ରା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୧୬, ୨୭, ୨୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬